## ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ ):** ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ପଥୁରିଆ ସାହି ନିକଟରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ମହୁଲଡିହା ପୋଲିସ ଏକ ମାମଲା(ନଂ.୫୧/୨୩) ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ନାଳରେ ଭାସିଗଲେ ମହିଳା

ପାଟଣା,୨୫।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ମଲାରପଦା ଗ୍ରାମ ନାଳରେ ଗାଧୋଉଥିବା ବେଳେ ଶୁକ୍ରବାର ଜଣେ ମହିଳା ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମୃତକ ମଲାରପଦା ଗ୍ରାମର ଶ୍ରୀକାନ୍ତ ସେଠୀଙ୍କ ସ୍ତ୍ରୀ ନଳିନୀ ସେଠୀ(୫୫)। ସେ ନାଳ ପୋଲ ଉପର ଘାଟରେ ଗାଧୋଇବାକୁ ଯାଇଥିଲେ। ଉପର ମୁଣ୍ଡରୁ ବଢ଼ି ପାଣି ସ୍ରୋତ ଆସିଯିବାରୁ ସେ ଭାସି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଗାଧୁଆ ତୁଠକୁ ଯାଇ କେବଳ ପିନ୍ଧା ଲୁଗା ଦେଖି ଖୋଜାଖୋଜି କରିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଲଠାରୁ ୫୦ ମିଟର ଦୂର ନାଳର ଅମିରି ଲଟା ନିକଟରୁ ମହିଳାଙ୍କ ମୃତଦେହ ଜବତ କରିଛନ୍ତି। ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ଇନ୍ଦ୍ରଜିତ ବେହେରା କହିଛନ୍ତି।

### ମହାବିଦ୍ୟାଳୟର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ଭଣ୍ଡାରିପୋଖରୀ,୨୫।୮(ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରଦପୁରସ୍ଥିତ ନୟନମଣି ମହିଳା ଯୁକ୍ତ ୨ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଯଥାକ୍ରମେ ୫୦ ଓ ୨୫ ଲକ୍ଷ ଟଙ୍କା ଅନୁଦାନରେ ଉନ୍ନତୀକରଣ ହେବ। ଏଥିପାଇଁ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏମ୍‌ପିଙ୍କ ପ୍ରତିନିଧି ଲଳିତ କୁମାର ରାଉତ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମିତିସଭ୍ୟ ଜଗତଜୀବନ ବାରିକ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ, ହେମନ୍ତ ଜେନା, ପଞ୍ଚାୟତସ୍ତରୀୟ ନେତା, ଯୁବ ଓ ଛାତ୍ର ନେତୃତ୍ୱଙ୍କ ସହ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ୯୦ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

ଧୂଷୁରୀ,୨୫।୮(କପିଳଦେବ ବିଶ୍ୱାଳ)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ରଇପୁର ପଞ୍ଚାୟତର ମଉଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଖେଲା ସୋରେନଙ୍କ ଅଧ୍ୟକ୍ଷତାରେ ବାଙ୍କସାହି ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବାପୁଜୀ କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ କୁମାର ଦାଶ, ମୁଖ୍ୟବକ୍ତା ସୁବାସ ଚନ୍ଦ୍ର ବସନ୍ତିଆ ଏବଂ ଅନ୍ୟତମ ଅତିଥି ଭାବେ ସୁଶାନ୍ତ କୁମାର ନାୟକ, ଶିକ୍ଷକ ଦିଲୀପ ପ୍ରଧାନ, ଶରତ ତ୍ରିପାଠୀ, ଚନ୍ଦ୍ରକାନ୍ତ ଦାଶ, ପରିଚାଳନା କମିଟିର ସଭାନେତ୍ରୀ ମଞ୍ଜୁଲତା ସେଠୀ, ସଦସ୍ୟ ବଳରାମ ସେଠୀ, ବ୍ରଜକିଶୋର ସେଠୀ, ଦୁଃଶାସନ ଦଳେଇ, ସୂର୍ଯ୍ୟମଣି ସେଠୀ, ହରିହର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ୯୦ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।

# ନିର୍ମାଣ ହେବ ୪ ବିଜୁ ସେତୁ

## ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

ବାରିପଦା,୨୫।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ.ପାଣ୍ଡିଆନ ମୟୂରଭଞ୍ଜ ଜିଲା ଗସ୍ତ କରି ଫେରିବା ପରେ ବିଭିନ୍ନ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବାରେ ଲାଗିଛି। ୫-ଟି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଜିଲାର ୩୫ଟି କଲେଜ ରୂପାନ୍ତରଣ ପାଇଁ ୨୭.୭୫କୋଟି ଟଙ୍କା ମଞ୍ଜୁର ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୦ଟି କଲେଜକୁ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ କରାଯାଇଛି। ସେହିପରି ଜିଲାର ୪ଟି ସ୍ଥାନରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ଲାଗି ମଞ୍ଜୁରୀ ମିଳିଛି। ଜିଲାର ୨୬ ବ୍ଲକ, ୨ ଏନ୍‌ଏସି, ୨ଟି ମ୍ୟୁନିସିପାଲିଟିରେ ଥିବା ଧର୍ମାନୁଷ୍ଠାନ ଓ ପ୍ରାଥମିକ ସ୍କୁଲକୁ ମିଶାଇ ୭୬୮ଟି ପ୍ରକଳ୍ପ ବାବଦରେ ୪୦ କୋଟି ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନା ଅନୁଯାୟୀ, ଗତ ୧୧ ଓ ୧୨ତାରିଖରେ ୫-ଟି ସଚିବ ମୟୂରଭଞ୍ଜ ଜିଲା ଗସ୍ତ କରି ଦ୍ୱିତୀୟ ପର୍ଯ୍ୟାୟରେ +୨ ଏବଂ +୩ କଲେଜର ରୂପାନ୍ତରଣ ନିମନ୍ତେ ସ୍ୱତନ୍ତ୍ର ସହାୟତା ଭାବେ ମୋଟ ୭୦ଟି କଲେଜକୁ ୩୩କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ସେହିପରି ଗମନାଗମନକୁ ନେଇ ସମସ୍ୟାରେ ଥିବା ବିଭିନ୍ନ ଅଞ୍ଚଳରେ ବିଜୁ ସେତୁ ଯୋଜନାରେ ୪ଟି ପୋଲ ନିର୍ମାଣ କରିବାକୁ ମଞ୍ଜୁର କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ପୋଲ ନିର୍ମାଣ କରିବା ନିମନ୍ତେ ବିଲ୍ଡିଂ ଓ ବ୍ରିଜ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଜୁ ସେତୁ ଯୋଜନାରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବାଘୁଆପାଳରୁ ସିଂହଟିଆ ଗ୍ରାମକୁ ସଂଯୋଗ କରିବା ନିମନ୍ତେ ବୁଢ଼ାବଳଙ୍ଗ ନଦୀରେ ପୋଲ ନିର୍ମାଣ, ସାରସକଣା ନିର୍ବାଚନ ମଣ୍ଡଳୀର କିଟାବେଡାରୁ ସୁଲେଇପାଟ ଆରଡି ପର୍ଯ୍ୟନ୍ତ ଖଡ଼ଖାଇ ନଦୀରେ ପୋଲ ନିର୍ମାଣ, ବାରିପଦା ନିର୍ବାଚନ ମଣ୍ଡଳୀର ଅରିକୁଳ ନାଳର ଜଡାବଣିରୁ ତାଳକୁଣ୍ଡା ଓ ଖଣ୍ଡାବୁଡା ନାଳର ଅଗ୍ନିକୁମାରୀରୁ ମହଲଚୁଟି ରାସ୍ତା ପର୍ଯ୍ୟନ୍ତ ବିଜୁ ସେତୁ ନିର୍ମାଣ ହେବାକୁ ମଞ୍ଜୁର ହୋଇଛି। ସେହିପରି ଜିଲାରେ ଥିବା ଅନ୍ୟ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ସେତୁ ନିର୍ମାଣ ଲାଗି ସବୁଜ ସଙ୍କେତ ମିଳିଛି। ସେତୁ ନିର୍ମାଣ ହେଲେ ବୁଢାବଳଙ୍ଗ ନଦୀ ତଟରେ ରହୁଥିବା ବାଘୁଆପାଳ, ପତରାପଦା, ଭଞ୍ଜବାଟୀ, ମାଙ୍କଡାପାଳ, କେନ୍ଦୁଗାଡି, ସିଂହଟିଆ ଓ ବଳଭଦ୍ରପୁର ଗ୍ରାମର ହଜାର ହଜାର ଚାଷୀ ଓ ବ୍ୟବସାୟୀ ଉପକୃତ ହୋଇପାରିବେ। ସେହିପରି ନଦୀର ଜଳପତ୍ତନ ବୃଦ୍ଧି ପାଇ ପାଣି ଘେରରେ ରହୁଥିବା ବାଘୁଆପାଳ ଗ୍ରାମବାସୀ ସରକାରୀ ସହାୟତା ସହିତ ଜରୁରୀକାଳୀନ ସେବା ପାଇପାରିବେ। ଦୀର୍ଘ ଦିନ ଧରି ଏହି ପୋଲ ନିର୍ମାଣ ପାଇଁ ଦାବି ହୋଇ ଆସୁଥିବା ବେଳେ ମଞ୍ଜୁର ହୋଇଥିବା ପୋଲଗୁଡିକର ଏଷ୍ଟିମେଟ ସହ ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି ।

# ୯ ମୃତ, ୭୪ ଗୋରୁ ଉଦ୍ଧାର

## ପଶ୍ଚିମବଙ୍ଗ ଚାଲାଣ ବେଳେ ୩ଗୋରୁ ଗାଡ଼ି ଜବତ



ଗାଡ଼ି ଭିତରେ ଖୁନ୍ଦାଖୁନ୍ଦି ହୋଇରହିଥିବା ଗୋରୁ।

ବାହାନଗା, ୨୫।୮ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ଶେରଗଡସ୍ଥିତ ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ୩ଟି ଗୋରୁ ଗାଡିକୁ ବଜରଙ୍ଗ ଦଳର କର୍ମୀମାନେ ଜବତ କରିଛନ୍ତି। ସେଥିରେ ଥିବା ୯ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୭୪ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ପରେ ଖନ୍ତାପଡା ଥାନା ଅଧିକାରୀ ୩ଟି ଟ୍ରକ (ନଂ. ଓଡି୦୫-ବିଏନ-୭୬୮୮, ଡବ୍ଲ୍ୟୁବି ୨୯ଏ-୪୭୨୫, ଓଡି୦୨-ଏଭି-୨୦୮୬) ଗାଡିକୁ ଜବତ କରି ଥାନାକୁ ଆଣିଥିଲେ। ସେଥିରେ ଥିବା ୪୭ ଗୋରୁମାନଙ୍କୁ ରେମୁଣାସ୍ଥିତ ବାମପଦା ମା' ଭାରତୀ ଗୋଶାଳାରେ ରଖାଯାଇଛି। ତେବେ ଟ୍ରକ୍‌ଗୁଡିକର ଡ୍ରାଇଭର ଓ ହେଲପର୍ ଫେରାର ହୋଇଯାଇଥିଲେ। ତେବେ ଥାନାରେ ଏକ ମାମଲା(ନଂ. ୧୮୯/୨୩) ରୁଜୁ କରାଯାଇଛି। ଭଦ୍ରକରୁ ଗୋରୁଗୁଡିକ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା।

# ଆଦିବାସୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ



ବାଲେଶ୍ୱର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

## ବାଲେଶ୍ୱର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ

ନୀଳଗିରି, ୨୫।୮(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ ମୁଖ୍ୟ କାର୍ଯ୍ୟାଳୟ ନୀଳଗିରି ଆଇଟିଡ଼ିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ମଦନମୋହନ ମାଝି ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସହ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଳିକ, ପିଏଆଇଟିଡିଏ କାରୁ ସରେନ, ଆଇଟିଡିଏ ସ୍ୱତନ୍ତ୍ର ଅଧିକାରୀ ସାଲୁ କୁମାର ଟୁଡୁ, ଡିଡବ୍ଲ୍ୟୁଓ ବାଲେଶ୍ୱର ଭରତଭୂଷଣ ବିଶ୍ୱାଳ, ନୀଳଗିରି ବିଡ଼ିଓ ରାହୁଲ ମଣ୍ଡଳ, ଜଳେଶ୍ୱର ବିଡ଼ିଓ ପୁନମ ରାଉତ, ନୀଳଗିରି ଆଡିଶନାଲ ତହସିଲଦାର ପ୍ରଦୀପ କୁମାର ଦାସ, ଜଳେଶ୍ୱର ତହସିଲଦାର ମିହିର ରଞ୍ଜନ ବେହେରା, ନୀଳଗିରି ଓ ଜଳେଶ୍ୱର ଡବ୍ଲ୍ୟୁଇଓ ପ୍ରମୁଖ ଉଭୟ ବ୍ଲକର ବହୁ ଅଧିକାରୀଙ୍କ ସମେତ ପ୍ରମୁଖ ସାନ୍ତାଳୀ, ଭୂମିଜ, କୋହ୍ଲ, ବାଥୁଡ଼ି ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାର ନୂତନ ଭାବେ ଗଠନ କରିଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକରେ ଆଦିବାସୀ ସମ୍ପ୍ରଦାୟଙ୍କର ମୁଖ୍ୟ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଆଦିବାସୀମାନଙ୍କର ସାମଗ୍ରିକ ବିକାଶ ସହିତ କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ବେଶଭୂଷାକୁ ବଞ୍ଚାଇ ରଖିବା ଏହି ପରିଷଦର ମୁଖ୍ୟ ଲକ୍ଷ୍ୟ। ଆଦିବାସୀମାନଙ୍କର ପୂଜା ଓ ପ୍ରାର୍ଥନାସ୍ଥଳୀ (ଜାହିରା)ର ଉନ୍ନତୀକରଣ ସହ ଉକ୍ତ ସ୍ଥାନରେ ପାଣି ସୁବିଧା, ଆଦିବାସୀ ସମ୍ପ୍ରଦାୟର ଭଉଣୀଭାଇଙ୍କୁ ବାଦ୍ୟଯନ୍ତ୍ର ଉପଲବ୍ଧ କରାଇବା, ଜାହିରାଗୁଡ଼ିକ ପଟ୍ଟା ପ୍ରଦାନ, ସ୍କୁଲ କଲେଜ ଆଦିରେ ଅଧାରୁ ପାଠ ଛାଡ଼ିଥିବା ଆଦିବାସୀ ପିଲାମାନଙ୍କୁ ହଷ୍ଟେଲ ସୁବିଧା ଉପଲବ୍ଧ କରାଇବା ମୁଖ୍ୟ ପ୍ରସଙ୍ଗ। ଆଦିବାସୀ ସମାଜକୁ ମୌଳିକ ସୁବିଧା ଯୋଗାଇଦେବା ଏହି ପରିଷଦର ମୁଖ୍ୟ ଲକ୍ଷ୍ୟ। ଜିଲାପାଳ ଏହାକୁ ଖୁବ୍‌ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଛାତରୁ ପ୍ଲାଷ୍ଟର ଖସି ଆର୍‌ଆଇ ଗୁରୁତର

ମୋରଡା,୨୫।୮(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡିଗାଁ ପଞ୍ଚାୟତରେ ଥିବା ସରକାରୀ କ୍ୱାର୍ଟର୍ସ ଛାତରୁ ପ୍ଲାଷ୍ଟର ଖସି ଗଡିଗାଁ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସେବତୀ କିସ୍କୁ ଗୁରତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ସେବତୀ ତାଙ୍କର ଛୋଟ ପିଲା ସହିତ ସରକାରୀ କ୍ୱାର୍ଟର୍ସରେ ଶୋଇଥିବା ବେଳେ ଛାତରୁ ପ୍ଲାଷ୍ଟର ଖସି ତାଙ୍କ ମୁଣ୍ଡ ଓ ଆଖିରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ମୋରଡା ତହସିଲଦାର ଅନନ୍ତ କୁମାର ହାଁସଦା ଗାଡ଼ି ପଠାଇ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତେବେ ଗତ କିଛି ମାସ ତଳେ ଉକ୍ତ କ୍ୱାର୍ଟର୍ସର ମରାମତି କାର୍ଯ୍ୟ ଗ୍ରାମ୍ୟ ବିଭାଗ ଦ୍ୱାରା କରାଯାଇଥିବା ବେଳେ ଛାତରୁ ପ୍ଲାଷ୍ଟର ଖସିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଅଶ୍ୱିନୀ କୁମାର ଦଣ୍ଡପାଟଙ୍କୁ ପଚାରିବାରୁ ପୁଣି ଥରେ ଭଲଭାବେ ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି ।

## ଧାମନଗର, ଦୋବଲରେ ନୂଆ ବସ୍‌ଷ୍ଟାଣ୍ଡ ଲାଗି ଅର୍ଥ ମଞ୍ଜୁର

ଧାମନଗର,୨୫।୮(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲାର ଧାମନଗର ଓ ଦୋବଲଠାରେ ନୂଆ ବସ୍‌ଷ୍ଟାଣ୍ଡ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଜୟନଗରସ୍ଥିତ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆ ଓ ଦୋବଲ ନିକଟସ୍ଥ ମୁସ୍ତାଫାପୁରଠାରେ ବସ୍‌ଷ୍ଟାଣ୍ଡ ହେବ। ପ୍ରତ୍ୟେକ ବସ୍‌ଷ୍ଟାଣ୍ଡ ନିମନ୍ତେ ୨ କୋଟି ୯୧ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା କହିଛନ୍ତି।

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଗତ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲରେ ଘୋଷଣା କରାଯାଇଥିଲା। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବେହେରା, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଦୋବଲ ବଜାରରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବହୁଦିନ ଧରି ବିବାଦ ଲାଗି ରହିଥିଲା। ଏହି ବସ୍‌ଷ୍ଟାଣ୍ଡ ଲାଗି ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ, ଅଞ୍ଚଳର ବୁଦ୍ଧିଜୀବୀ ଓ ରାଜନୈତିକ ଦଳ ଏକତ୍ର ହୋଇ ଦୋବଲ କ୍ରିୟାନୁଷ୍ଠାନ କମିଟି ଗଠନ କରି ଆନ୍ଦୋଳନ ପାଇଁ ସଜବାଜ ହୋଇଥିଲେ। ପରବର୍ତ୍ତୀ ସମୟରେ ଆପୋଷ ସମାଧାନ ପରେ ବିବାଦ ତୁଟିଥିଲା। ଏଠାରେ ବସ୍‌ଷ୍ଟାଣ୍ଡ ନିମନ୍ତେ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିବାରୁ ଦୋବଲ ବସ୍‌ଷ୍ଟାଣ୍ଡ କ୍ରିୟାନୁଷ୍ଠାନ କମିଟିର ସଭାପତି ଅମିୟ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## 'ଜଳେଶ୍ୱର ଷ୍ଟେସନରେ ରାଇବଣିଆ ଐତିହ୍ୟ ସ୍ଥାନ ପାଉ'

ରାଇବଣିଆ, ୨୫।୮(ନବୀନ ସାହୁ)-ଦେଶର ବିଭିନ୍ନ ରେଳଷ୍ଟେଶନ ଉନ୍ନତୀକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରଚେଷ୍ଟାକ୍ରମେ ୫୦୮ ଟି ଅମୃତ ଭାରତ ଯୋଜନାରେ ରେଳଷ୍ଟେଶନର ନବକଳେବର ହୋଇଥିଲା। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ଜଳେଶ୍ୱର ଷ୍ଟେଶନ ମଧ୍ୟ ସ୍ଥାନ ପାଇଥିଲା। ତେଣୁ ରାଇବଣିଆରେ ହଜାରେ ବର୍ଷର ପୁରୁଣା ଐତିହାସିକ ବିରାଟ ରାଜାଙ୍କ ଗଡ଼ ରାଇବଣିଆ ଦୁର୍ଗ ଏବଂ ରାଇବଣିଆ ମାଟିର ସ୍ୱାଭିମାନୀ କବି ଦୀନକୃଷ୍ଣଙ୍କ ସ୍ମୃତି ରହିଛି। ତେଣୁ ଏହାର ଇତିହାସକୁ କିଭଳି ଭାବରେ ଦେଶ ବିଦେଶରେ ପ୍ରଚାର ହୋଇପାରିବ ସେନେଇ ଜଳେଶ୍ୱର ଷ୍ଟେଶନରେ ପଟ୍ଟଚିତ୍ର ମାଧ୍ୟମରେ ଷ୍ଟେଶନ ସମ୍ମୁଖରେ ସ୍ଥାନ ଦିଆଯାଉ ବୋଲି ଦାବି ହୋଇଛି। ଜଳେଶ୍ୱର ଷ୍ଟେଶନ ପଶ୍ଚିମବଙ୍ଗ ଦେଇ ଓଡ଼ିଶାର ପ୍ରବେଶ ଦ୍ୱାର ହୋଇଥିବାରୁ ଏହି ଷ୍ଟେଶନ ଉପରେ ୩ଟି ରାଜ୍ୟର ଲୋକେ ନିର୍ଭର କରନ୍ତି। ତେଣୁ ପର୍ଯ୍ୟଟନସ୍ଥଳୀର ବିକାଶ ସହିତ ଏହାକୁ ଆହୁରି ବିକାଶ କରି ଲୋକଲୋଚନକୁ ଆଣିବା ପାଇଁ ରାଇବଣିଆ ଅଞ୍ଚଳର ବୁଦ୍ଧିଜୀବୀ, ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ବଣିକ ସଂଘ, ଛାତ୍ର ସମାଜ, ଯୁବଗୋଷ୍ଠୀ, ଚାଷୀକୂଳ ସଂଘ, ରାଇବଣିଆ ଗଡ଼ଜାତର କମିଟି ସଦସ୍ୟ ପ୍ରମୁଖ ଦାବି କରିଛନ୍ତି।

## ଧାନ ଫସଲ ନଷ୍ଟକଲେ ହାତୀପଲ

ଢେଙ୍କିକୋଟ,୨୫।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଦେଓବନ୍ଧ ଫରେଷ୍ଟ ସେକ୍ସନ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ରହୁଥିବା ହାତୀପଲ ଗୁରୁବାର ଗ୍ରାମ ଦେହୁରୀ ସାହି ନିକଟ ବେଢ଼ା ଜମି ଗୁଡ଼ିକରେ ବିଚରଣ କରିଥିଲେ। ଫଳରେ ୫ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ନଷ୍ଟ ହୋଇଯାଇଛି। ଏ ସଂକ୍ରାନ୍ତରେ ଗ୍ରାମର ଦୈତାରୀ ନାଏକ, ଦାଶରଥୀ ନାଏକ, ଦୁଃଶାସନ ନାଏକ, ସୁକ୍ରା ନାଏକ, ହରିହର ନାଏକ ଓ ଟଙ୍କଧର ନାଏକ ଫରେଷ୍ଟଗାର୍ଡ ଯୋଗେନ୍ଦ୍ର ନାଏକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଫରେଷ୍ଟର ରାମଚନ୍ଦ୍ର ନାଏକଙ୍କ ନିର୍ଦ୍ଦେଶରେ ପାରାଷ୍ଟାଫଙ୍କୁ ନେଇ ହାତୀପଲ ଉପରେ ଦୃଷ୍ଟି ରଖିଥିଲେ ମଧ୍ୟ ସେମାନେ ଧାନ ବିଲ ମାଡ଼ି ନଷ୍ଟ କରିଥିବା ଫରେଷ୍ଟଗାର୍ଡ ପ୍ରକାଶ କରିଛନ୍ତି। ହାତୀପଲ ଶୁକ୍ରବାର ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ରହିଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ମନହୋରପୁର ସରପଞ୍ଚ ଦୁଃଶାସନ ନାଏକ ଦାବି କରିଛନ୍ତି।

# କମ୍ପାନୀ ଫାଟକ ଆଗରେ କର୍ମଚାରୀଙ୍କ ଧାରଣା ଜାରି

## ଆନ୍ଦୋଳନକୁ ସମର୍ଥନ ଜଣାଇ ଭେଟିଲେ କଂଗ୍ରେସ ନେତା

ଭଦ୍ରକ,୨୫।୮ (ସନାତନ ରାଉତ)



ଧାରଣାସ୍ଥଳରେ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଓ ଅନ୍ୟମାନେ।

ଭଦ୍ରକ ରାନ୍ଧିଆସ୍ଥିତ ଏକ କମ୍ପାନୀରେ ୫ମାସ ଧରି କାମ କରିବାର ସୁଯୋଗ ନ ପାଇବାରୁ ୩୮ଜଣ କର୍ମଚାରୀ ଓ ସେମାନଙ୍କ ପରିବାର କମ୍ପାନୀ ଫାଟକ ଆଗରେ ୫ଦିନ ହେଲା ଧାରଣାରେ ବସିଛନ୍ତି। ସ୍ଥାନୀୟ ଲୋକଙ୍କୁ କମ୍ପାନୀରେ କାମ ଦେବା ବଦଳରେ ସେମାନଙ୍କୁ ୫ମାସ ଧରି କମ୍ପାନୀରେ କାମ କରିବାକୁ ସୁଯୋଗ ଦିଆଯାଉ ନାହିଁ। ଛଟେଇ କର୍ମଚାରୀମାନଙ୍କୁ ନିଯୁକ୍ତି ସୁଯୋଗ ନ ମିଳିଲେ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ଧାରଣାରତ କର୍ମଚାରୀମାନେ ପ୍ରକାଶ କରିଛନ୍ତି।

ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଶୁକ୍ରବାର ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। କମ୍ପାନୀରେ ପୋଡ଼ି ହୋଇ ମୃତ କର୍ମଚାରୀଙ୍କ ପରିବାର ଲୋକଙ୍କୁ ଚାକିରି ଓ ଆକ୍ରୋଶମୂଳକ ଭାବେ ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ସେ ଦାବି କରିଛନ୍ତି। ତାଙ୍କ ସହ ପ୍ରଦେଶ କଂଗ୍ରେସର ପୂର୍ବତନ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ପୂର୍ବତନ ଜିଲା ସଭାପତି ନଳିନୀ ମହାନ୍ତିଙ୍କ ସମେତ କଂଗ୍ରେସ ନେତାମାନେ ଉପସ୍ଥିତ ଥିଲେ। ସେହିପରି ଶହୀଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ଧାରଣାରତ କର୍ମଚାରୀଙ୍କୁ ସମର୍ଥନ ଜଣାଇ ସେଠାରେ ସାମିଲ ହୋଇଥିଲେ। ଭାଜପା ନେତା ଡା. ପ୍ରଦୀପ ନାୟକ ଓ କଂଗ୍ରେସ ନେତ୍ରୀ ମଧୁମିତା ସେଠୀ ଧାରଣାସ୍ଥଳରେ ପହଞ୍ଚି ନୈତିକ ସମର୍ଥନ ଜଣାଇଥିଲେ। ଗୁରୁବାର ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ ଧାରଣାସ୍ଥଳକୁ ଆସିଥିଲେ। ଛଟେଇ କର୍ମଚାରୀମାନଙ୍କୁ କାମ କରିବାକୁ ସୁଯୋଗ ନ ଦେଲେ କମ୍ପାନୀ ଜନଆକ୍ରୋଶର ଶିକାର ହେବ। ଏହି ଘଟଣାରେ ଜିଲାପାଳ ହସ୍ତକ୍ଷେପ କରନ୍ତୁ ବୋଲି ସୂର୍ଯ୍ୟବଂଶୀ କହିଥିଲେ।

## ଯୋଗାଣ ସହାୟକଙ୍କ ଆନ୍ଦୋଳନ ଚେତାବନୀ

ଠାକୁରମୁଣ୍ଡା,୨୫।୮ (ତାରାକାନ୍ତ ପଟ୍ଟନାୟକ)

୬ ଦଫା ଦାବି ପୂରଣ ନ ହେଲେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଯୋଗାଣ ସହାୟକମାନେ ଆସନ୍ତା ୨୮ ତାରିଖଠାରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଠାକୁରମୁଣ୍ଡା ବ୍ଲକ ଯୋଗାଣ ସହାୟକମାନେ ଶୁକ୍ରବାର ବିଡିଓ ବାବୁଲ ପେରେଇଙ୍କୁ ଭେଟି ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟିତ୍ୱ ସହ ମାସିକ ୨୫ ହଜାରକୁ ଦରମା ବୃଦ୍ଧି, ଯୋଗାଣ ସହାୟକଙ୍କ ନାମରେ ପିଡିଏସ୍ ଲାଇସେନ୍ସ ପ୍ରଦାନ, ମୃତ୍ୟୁକାଳୀନ ସହାୟତା ସହ ପରିବାରର ଜଣଙ୍କୁ ଚାକିରି, ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରି ଅତିରିକ୍ତ ଯୋଗାଣ ଅଧିକାରୀ ନାମରେ ନାମିତ କରାଯିବା, ପ୍ରୋତ୍ସାହନ ରାଶି ପ୍ରଦାନ ଓ ମାସିକ ସାମଗ୍ରୀ ଆବଣ୍ଟନରେ ୨% ନିଅଁଣ୍ଟକୁ ଭରଣା କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ବର୍ଷା ହେଲେ ବାରଣ୍ଡାରେ ପାଠପଢ଼ା

■ବିରିଡ଼ିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

■୮ ଶ୍ରେଣୀଗୃହରୁ ୬ରେ ପାଣି ଗଳୁଛି

କଣ୍ଟିପାଳ,୨୫।୮(ସୁଶାନ୍ତ କୁମାର ସାହୁ)



ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ବାରଣ୍ଡାରେ ଶିକ୍ଷାଦାନ କରୁଛନ୍ତି।

ରାଜ୍ୟ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ୫-ଟି ଜରିଆରେ ବିଦ୍ୟାଳୟର ଉନ୍ନତୀକରଣ କରି ଛାତ୍ରୀଛାତ୍ରଙ୍କ ବିକାଶ କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବି ଶୋଚନୀୟ ଅବସ୍ଥାରେ ରହିଛି। ଏଠାରେ ଥିବା ଅନେକ ଶ୍ରେଣୀଗୃହରୁ ସାଧାରଣ ବର୍ଷା ହେଲେ ମଧ୍ୟ ପାଣି ଗଳୁଛି। ଫଳରେ ଶିକ୍ଷୟିତ୍ରୀ ପିଲାମାନଙ୍କୁ ବାରଣ୍ଡାରେ ଛିଡ଼ାକରି ପାଠ ପଢ଼ାଇବାର ଦୃଶ୍ୟ ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟାନ୍ତ ୧୭୮ ପିଲା ଅଧ୍ୟୟନ କରନ୍ତି। ଶିକ୍ଷାଦାନ ପାଇଁ ୬ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ପିଲାମାନଙ୍କ ପାଠପଢ଼ା ପାଇଁ ଉଦ୍ଦିଷ୍ଟ ଗୋଟିଏ ବିଲ୍ଡିଂର ଦୁଇଟି ଶ୍ରେଣୀଗୃହ ଠିକ୍ ରହିଥିବା ବେଳେ ଗୋଟିଏ ଶ୍ରେଣୀଗୃହ ବିଶିଷ୍ଟ ଅନ୍ୟ ବିଲ୍ଡିଂର ଛାତରୁ ବର୍ଷା ହେଲେ ପାଣି ଗଳୁଛି। ସେହିପରି ଟାଇଲ ଛପରରେ ଥିବା ୫ ଶ୍ରେଣୀ ବିଶିଷ୍ଟ ଗୃହରୁ ମଧ୍ୟ ବର୍ଷା ହେଲେ ପାଣି ଜମୁଛି। ଗୁରୁବାର ଅଞ୍ଚଳରେ ବର୍ଷା ହୋଇଥିବା ବେଳେ ଶ୍ରେଣୀଗୃହରୁ ପାଣି ଗଳୁଥିବାରୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ପିଲାମାନଙ୍କୁ ବାରଣ୍ଡାରେ ଶିକ୍ଷାଦାନ କରୁଥିବାର ଦେଖାଯାଇଥିଲା। ଏନେଇ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ବିନିସା ପୂର୍ବରୁ ଅନେକ ବାର ସମସ୍ୟା ସମ୍ପର୍କରେ ବିଇଓଙ୍କୁ ଜଣାଇଥିବା କହିଛନ୍ତି। ଆନନ୍ଦପୁର ଏବିଓ ହେମେନ୍ଦ୍ର ମହାନ୍ତ ଏ ବିଷୟରେ ସ୍ଥାନୀୟ ସରପଞ୍ଚଙ୍କ ସହ କଥା ହେବାକୁ କହିଥିଲେ। କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାଏକ କହିଛନ୍ତି, ଦେଖିବା ଏ ନେଇ କ'ଣ କରାଯାଇପାରିବ।

## କୃଷ୍ଣଚନ୍ଦ୍ରପୁର କଲେଜରୁ ଚୋରି

ବେତନଟୀ,(ଧରଣୀଧର ମହାନ୍ତି): ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ କୃଷ୍ଣଚନ୍ଦ୍ରପୁର ମହାବିଦ୍ୟାଳୟ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ)ରୁ ଗୁରୁବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଅଧକ୍ଷା ସୁଶାନ୍ତି ପ୍ରଧାନଙ୍କ ଲିଖିତ ଅଭିଯୋଗ କ୍ରମେ ବେତନଟୀ ପୋଲିସ ଏକ ମାମଲା(ନଂ.୩୧୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ଚୋରମାନେ କଲେଜ ମୁଖ୍ୟ ଫାଟକ ତାଲା ଭାଙ୍ଗି ବିଭିନ୍ନ କୋଠରୀରେ ପଶି ପାଣି ମୋଟର, ଜେନେରେଟର, କମ୍ପ୍ୟୁଟର ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଗୁଣ୍ଡିଚାଘାଗି, ଭୀମକୁଣ୍ଡ ବିକାଶ ଲାଗି ଖର୍ଚ୍ଚ ହେବ ୨୦.୬୮ କୋଟି

ଢେଙ୍କିକୋଟ,୨୫।୮ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍‌ରେ ଥିବା ପର୍ଯ୍ୟଟନସ୍ଥଳି ଗୁଣ୍ଡିଚାଘାଗି ଜଳପ୍ରପାତର ଉନ୍ନତୀକରଣ ପାଇଁ ୨ କୋଟି ୬୮ ଲକ୍ଷ ମଞ୍ଜୁର ହୋଇଛି। ଏଥିରେ ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ୧ କୋଟି ୮୮ ଲକ୍ଷ, ୫-ଟି ସଚିବ ୫୦ ଲକ୍ଷ ଘୋଷଣା କରିଥିଲେ। ଓଏମସି ପକ୍ଷରୁ ୩୦ ଲକ୍ଷ ପ୍ରଦାନ କରାଯାଇଛି। ଏ ନେଇ ଜିଲା ସଂସ୍କୃତି ଓ ପର୍ଯ୍ୟଟନ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ଆହ୍ୱାନରେ ଘଟଗାଁ ବ୍ଲକ୍ ସମିତି ସଭାଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

କେନ୍ଦୁଝର ଉପ ଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କ ସଭାପତିତ୍ୱରେ ଘଟଗାଁ ତହସିଲଦାର ଜନକ ନାୟକ, ବିଡ଼ିଓ ଉମାକାନ୍ତ ପରିଡା, ଅତିରିକ୍ତ ବିଡ଼ିଓ ଚିତ୍ତରଞ୍ଜନ ନାୟକ, ହରିଚନ୍ଦନପୁର ବିଡ଼ିଓ ବୁଲାରାମ ମାଝୀ ସମେତ ବ୍ଲକ୍‌ର ଆସିଷ୍ଟାଣ୍ଟ ଇଞ୍ଜିନିୟର, ଜୁନିଅର ଇଞ୍ଜିନିୟର, ଆରଡବ୍ଲୁଏସଏସ୍‌ର ଇଞ୍ଜିନିୟର, ହରିଚନ୍ଦନପୁର ଅତିରିକ୍ତ ତହସିଲଦାର, ପର୍ଯ୍ୟଟନ ବିଭାଗର କର୍ମଚାରୀ ବିକ୍ରମକେଶରୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଘଟଗାଁ ଓ ହରିଚନ୍ଦନପୁର ଦୁଇ ବ୍ଲକ୍‌ର ମିଳିତ ପର୍ଯ୍ୟଟନ ସ୍ଥଳି ହୋଇଥିବାରୁ ୨ ବ୍ଲକ୍‌ର ଅଧିକାରୀଙ୍କ ସହମତି ଏବଂ ସହଯୋଗରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି। ବୈଠକରେ ଗୁଣ୍ଡିଚାଘାଗି ଉନ୍ନୟନ କମିଟି ଗଠନ କରାଯାଇ ସଭାପତି ଭାବେ ଉପଜିଲାପାଳ, ସମ୍ପାଦକ ଭାବେ ଜିଲା ପର୍ଯ୍ୟଟନ ଓ ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଘଟଗାଁ ବିଡ଼ିଓ ଥିବାବେଳେ ଅନ୍ୟ ସମସ୍ତ ଅଧିକାରୀ ଉପଦେଷ୍ଟା ମଣ୍ଡଳି ଓ ସଦସ୍ୟ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ଅଧିକାରୀ ପ୍ରକାଶ କରିଛନ୍ତି।





ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ପାଟଣା,୨୫।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ବିକାଶ ପାଇଁ ୧୮ କୋଟି ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ କେନ୍ଦୁଝର ଗସ୍ତ ସମୟରେ ଭୀମକୁଣ୍ଡ ଆନ୍ତର୍ଜାତୀୟସ୍ତର ପର୍ଯ୍ୟଟନସ୍ଥଳୀରେ ରୂପାନ୍ତରିତ କରାଯିବ ବୋଲି କହିଥିଲେ। ଏହି ଆଧାରରେ ରାଜ୍ୟ ସରକାର ଟଙ୍କା ମଞ୍ଜୁରୀ କରିଥିବା ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ପର୍ଯ୍ୟଟନ କେନ୍ଦ୍ରର ଭିତ୍ତିଭୂମି ନିର୍ମାଣ ପାଇଁ ଶୁକ୍ରବାର ଜିଲା ପର୍ଯ୍ୟଟନ ଅଧିକାରୀ, ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ତହସିଲଦାର ସରଣ ଜେନା, ସ୍ଥାନୀୟ ଆରଆଇ ମଳୟ ନାୟକ ଟାଙ୍ଗରପଡ଼ା ଆରଆଇ ସତ୍ୟବ୍ରତ ସାହୁ, ଅମିନ ସୁରେଶ ନାଏକ ଓ ମାନସ ମହାନ୍ତ ପ୍ରମୁଖ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀ ସନ୍ନିକଟ ଘାଟ ବାଲି ଯୋଡ଼ି ମୌଜାରେ ଉନ୍ନୟନ କାର୍ଯ୍ୟ ପାଇଁ ସ୍ଥାନ ନିରୂପଣ କରିଛନ୍ତି। କାଫେ ଟେରିଆ ନିର୍ମାଣ ପାଇଁ ଉକ୍ତ ମୌଜାରେ ୩ ଏକର ପରିମିତ ଜମି ଯୋଗାଇ ଦିଆଯାଇଛି ବୋଲି ତହସିଲଦାର ତାପସ ରଞ୍ଜନ ଦେହୁରୀ କହିଛନ୍ତି। ସସପେନ୍ସ ବ୍ରିଜ ପାଇଁ ୧୨ କୋଟି ଅଟକଳ ହୋଇଥିବା ବେଳେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଭେଣ୍ଡିଂ ଯୋନ, ପାର୍କ, ଗେଟ, ପାର୍କିଂ, ପିଇବାପାଣି, ବସିବା ସ୍ଥାନ, ବିଦ୍ୟୁତ କରଣ, ଶୌଚାଳୟ ଆଦି ନିର୍ମାଣରେ ବିନିଯୋଗ ହେବ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ପ୍ରଦୀପ



@ପ୍ରଶାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ବାଡ଼ିରେ ଫୁଟିଲା ବ୍ରହ୍ମକମଳ



ବାସୁଦେବପୁର, ୨୫।୮ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ସହର ବ୍ଲକରୋଡ୍‌ର ବ୍ୟବସାୟୀ ତଥା ଦେଉଳି ଗ୍ରାମର ସୁବଳ ଚନ୍ଦ୍ର ବାରିକଙ୍କ ବାଡ଼ିରେ ଗୁରୁବାର ଏକ ବ୍ରହ୍ମକମଳ ଫୁଲ ଫୁଟିଛି। ଏହି ଫୁଲ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ସୁବଳଙ୍କ ପରିବାର ଲୋକେ ଗଛମୂଳରେ ପୂଜାର୍ଚ୍ଚନା କରିଥିଲେ। ବଡ଼ିଭୋରରୁ ଫୁଲକୁ ତୋଳି ବାସୁଦେବପୁର ଅଞ୍ଚଳ ତଥା ସଂଲଗ୍ନ ଗୁଡ଼ ଅଞ୍ଚଳର ଆରାଧ୍ୟ ଦେବତା ବଳଦେବଙ୍କଠାରେ ଅର୍ପଣ କରିଛନ୍ତି। ସୁବଳଙ୍କ ପୁଅ ହିମାଂଶୁ ୩ବର୍ଷ ପୂର୍ବରୁ ଏହି ବ୍ରହ୍ମକମଳ ଚାରା ଲଗାଇଥିଲେ ବୋଲି କହିଛନ୍ତି।

### ୨୦ ଏକର ଫସଲ ନଷ୍ଟ କଲେ ହାତୀପଲ



ବାଙ୍ଗିରିପୋଷି, ୨୫।୮ (ସଞ୍ଜୟ କୁମାର ଅଗ୍ରୱାଲ): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରେଞ୍ଜ ବଡ଼ଗାଁ ବିଟ୍ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଦିନ ବେଳା ହାତୀପଲ ଜଙ୍ଗଲରେ ରହୁଥିବା ବେଳେ ସଞ୍ଜ ନଇଁଲେ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ଗୁରୁବାର ରାତିରେ ହାତୀପଲ ୨୦ ଏକର ଫସଲ ନଷ୍ଟ କରିଥିବା ସୂଚନା ମିଳିଛି। ବଡଗାଁ ବିଟ୍‌ରେ ନିଯୁକ୍ତ ଫରେଷ୍ଟଗାର୍ଡ ଓ ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ତତ୍ପରତା ଦେଖାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦେଓଗାଁ ସାହିରେ ଗୁରୁବାର ରାତିରେ ୨୦ ଟିକିଆ ହାତୀପଲ ଉତ୍ପାତ କରୁଥିବା ଦେଖିବାକୁ ମିଳିଥିଲା। ସିନୁ ଦେଓଗାଁମ, ଡ୍ରାଇଭର ଦେଓଗାଁମ, ରାମଚନ୍ଦ୍ର ଦେଓଗାଁମ, ଲସର ବାନରା, ବାଘା ହେମ୍ବ୍ରମ, ଶତ୍ରୁଘନ ବାନାରା, କୁଶ ବାନାରା, କାଣା ହେମ୍ବ୍ରମ, ଉତ୍ର ବିରୁଆଙ୍କ ମୋଟ ୨୦ ଏକର ଚାଷ ଜମିରେ ହାତୀପଲ ଫସଲ ନଷ୍ଟ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ୭୧୦ ନିର୍ମାଣ ଶ୍ରମିକଙ୍କୁ ୨ କୋଟିରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା

ଭଦ୍ରକ,୨୫।୮ (ସନାତନ ରାଉତ)

ଭଦ୍ରକ ବ୍ଲକ ଓ ପୌରାଞ୍ଚଳର ନିର୍ମାଣ ଶ୍ରମିକମାନଙ୍କୁ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଶହୀଦ ସ୍ମୃତି ଭବନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା ଓ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ଯୋଗଦେଇ ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ଚେକ୍ ବଣ୍ଟନ କରିଥିଲେ। ବିଭିନ୍ନ ଯୋଜନାରେ ୭୧୦ ନିର୍ମାଣ ଶ୍ରମିକଙ୍କୁ ମୋଟ ୨ କୋଟି ୫ଲକ୍ଷ ୩୯ ହଜାର ୬୦୦ଟଙ୍କାର ଆର୍ଥିକ ସହାୟତା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଶିକ୍ଷା ସହାୟତା ବାବଦ ୩୮୪ ଜଣଙ୍କୁ ୨୫ ଲକ୍ଷ ୬୪ ହଜାର ୬୦୦, ବିବାହ ଖର୍ଚ୍ଚ ବାବଦ ୨୮୭ଜଣଙ୍କୁ ୧ କୋଟି ୩୮ ଲକ୍ଷ, ମାତୃତ୍ୱ ଯୋଜନାରେ ୧୬ ଜଣଙ୍କୁ ୧ ଲକ୍ଷ ୬୦ ହଜାର, ମୃତ୍ୟୁ ବାବଦ ୨୦ଜଣଙ୍କୁ ୪୦ଲକ୍ଷ ଏବଂ ଶୁଦ୍ଧିକ୍ରିୟା ବାବଦ ୩ଜଣଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ସଂଯୋଜନା କରିଥିବା ବେଳେ ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ ଓ ପ୍ରେମ ମଞ୍ଜରୀ ନାୟକ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

# ନିର୍ମାଣାଧୀନ ଫ୍ଲାଇ ଓଭରରୁ ଖସି ଶ୍ରମିକ ଆହତ

ଯୋଡ଼ା,୨୫।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ନିର୍ମାଣାଧୀନ ଫ୍ଲାଇଓଭର୍‌ରୁ ଖସି ଜଣେ ଶ୍ରମିକ ଆହତ ହୋଇଛନ୍ତି। ଶ୍ରମିକ ଜଣଙ୍କ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ବୋକରୋର ଶରାବ ଆନସାରୀ (୨୪)। ସେ ସିଡ଼ି ମାଧ୍ୟମରେ ତଳକୁ ଓହ୍ଲାଉଥିବା ବେଳେ ପାଦ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କର ଦୁଇ ଗୋଡ଼ରେ ଆଘାତ ଲାଗିଥିବା ବେଳେ ଅଣ୍ଟା ମାଡ଼ ହୋଇଥିବା ଜଣାପଡ଼ିଛି। ସିଡ଼ିରୁ ତଳକୁ ଓହ୍ଲାଇବା ବେଳେ ସେଫ୍ଟି ବେଲଟ ବାନ୍ଧି ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଉଛି। ଏ ସମ୍ପର୍କରେ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଚେଭରୋକସ କମ୍ପାନୀ ମୁଖ୍ୟ ବିପୂଲ ବାରାଟ କହିଛନ୍ତି, ଶ୍ରମିକଙ୍କ ସୁରକ୍ଷା ପ୍ରତି ସଂସ୍ଥା ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସମସ୍ତ ଶ୍ରମିକଙ୍କୁ ସୁରକ୍ଷା ସରଞ୍ଜାମ ଯୋଗାଇ ଦିଆଯାଇଛି। ଝିପିଝିପି ବର୍ଷା ସମୟରେ ଶ୍ରମିକ ଜଣକ ଉପରୁ ଓହ୍ଲାଇବା ବେଳେ ଅସାବଧାନତା କାରଣରୁ ଗୋଡ଼ ଖସି ତଳେ ପଡ଼ି ଯାଇଥିଲେ। ତେବେ ତାଙ୍କର ଉପଯୁକ୍ତ ଚିକିତ୍ସା କରାଯାଉଛି।

# ଡାକ୍ତରଖାନାରେ ପଶିଲା ବର୍ଷା ପାଣି

ମୋରଡା,୨୫।୮ (ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ମୁଖ୍ୟ ଡାକ୍ତରଖାନା ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ପଶିଛି। ପୂର୍ବରୁ ଅଳ୍ପ ବର୍ଷାରେ ଡାକ୍ତରଖାନା ସମ୍ମୁଖରେ ଆଣ୍ଠୁଏ ଲେଖାଏ ପାଣି ଜମି ରହୁଥିବା ବେଳେ ଏବେ ବର୍ଷା ପାଣି ଡାକ୍ତରଖାନା ଭିତରେ ଲହଡ଼ି ଭାଙ୍ଗୁଛି। ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଡାକ୍ତରଖାନା ପରିସରରେ ଜମି ରହିଥିବା ବର୍ଷା ପାଣି।

# ରାସ୍ତା ମରାମତି ଦାବିରେ ଯଶିପୁର ବନ୍ଦ



ଯଶିପୁର(ସରୋଜ ମହାନ୍ତ)/ରାଇରଙ୍ଗପୁର (ମନୋରଞ୍ଜନ ତିରିଆ),୨୫।୮

ମୟୂରଭଞ୍ଜ ଜିଲା ଯଶିପୁର ମୁଖ୍ୟ ବଜାର ରାସ୍ତାର ମରାମତି ଏବଂ ନିର୍ମାଣାଧୀନ ଜାତୀୟ ରାଜପଥର ବାଇପାସ୍ ନିର୍ମାଣ କାମ ଶୀଘ୍ର ଶେଷ କରିବା ଦାବିରେ ଭାଜପା ପକ୍ଷରୁ ଶୁକ୍ରବାର ୬ ଘଣ୍ଟିଆ ଯଶିପୁର ବନ୍ଦ ପାଳନ କରାଯାଇଥିଲା। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଫଳରେ ଯଶିପୁର-ରାଇରଙ୍ଗପୁର, ଯଶିପୁର-ବାରିପଦା ରାସ୍ତାରେ ଶତାଧିକ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଥିଲା ଓ ଏଥିପ୍ରତି ଜନସାଧାରଣଙ୍କର ସମର୍ଥନ ଦେଖିବାକୁ ମିଳିଥିଲା। ଯଶିପୁର ମୁଖ୍ୟ ବଜାର ଛକରେ ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା। ଏଥିରେ ଭାଜପା ନେତା ବିପିନ୍ ବିହାରୀ ମହାନ୍ତ, ପୂର୍ବତନ ସରପଞ୍ଚ ମହାନ୍ତି ବିରୁଆ, ଅନନ୍ତ କେରାଇ, ବନୋଜ କାଲୁଣ୍ଡିଆ, ପ୍ରଶାନ୍ତ ମହାନ୍ତି, ସନ୍ତୋଷ ସିଂ, ଚକ୍ରଧର ମହାନ୍ତ, କାଳୀଚରଣ ନାଏକ, ଚନ୍ଦନ ମହାନ୍ତ ପ୍ରମୁଖ ସାମିଲ ଥିଲେ। ବନ୍ଦ ପାଳନ ବେଳେ ଭାଜପାର ଆଉ ଏକ ଗୋଷ୍ଠୀ କର୍ମୀମାନଙ୍କର ଉପସ୍ଥିତି ଦେଖିବାକୁ ମିଳି ନ ଥିଲା।

# ଖଇରା ରାଜରାସ୍ତାରେ କଂଗ୍ରେସର ରଣହୁଙ୍କାର

ଖଇରା, ୨୫।୮ (ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଶାଳ ସଭା ଶୋଭାଯାତ୍ରା ଶୁକ୍ରବାର ଆୟୋଜିତ ହୋଇଯାଇଛି। ପ୍ରଥମେ ଏକ ବାଇକ ଶୋଭାଯାତ୍ରା ତୁଡିଗଡିଆରୁ ବାହାରି ଖଇରା ବଣପାରିଆ ଛକରେ ପହଞ୍ଚିଥିଲା । ହଜାର ହଜାର କର୍ମୀଙ୍କ ଏକ ପଦଯାତ୍ରା ଖଇରା ବଜାର ପରିକ୍ରମା କରି ବ୍ଲକ ଛକରେ ପହଞ୍ଚିଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ଶରତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଭାଷଣ ମାଧ୍ୟମରେ ନବୀନ ପଟ୍ଟନାୟକଙ୍କୁ ଇଙ୍ଗିତ କରି ସାଢେ ୪କୋଟି ଓଡିଆଙ୍କୁ ନିଜର ପରିବାର କହୁଥିବା ମୁଖ୍ୟମନ୍ତ୍ରୀ ଶାସନର ଚାବିକାଠିକୁ ତାଙ୍କର ବ୍ୟକ୍ତିଗତ ଶାସନ ସଚିବଙ୍କ ହାତକୁ ଟେକି ଦେଇଛନ୍ତି ବୋଲି କହିଥିଲେ। ଜିଲା ସଭାପତି ସଞ୍ଜୀବ କୁମାର ଗିରି ଭାଜପା ଓ ବିଜେଡି ବାହାରେ ଲଢୁଥିବା ବେଳେ ଭିତରେ କୋଳାକୋଳି ହୋଇ ଦେଶକୁ ପୁଞ୍ଜିପତିଙ୍କ ହାତରେ ବିକ୍ରି କରିଦେଇଛନ୍ତି। କଂଗ୍ରେସ ସରକାରରେ ଲୋକଙ୍କୁ କେବଳ ସ୍ଥିର ଓ ସ୍ୱଚ୍ଛ ଶାସନ ମିଳିପାରିବ ବୋଲି କହିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ କଂଗ୍ରେସ ଛାଡି ଭାଜପାରେ ମିଶିଥିବା ଜଣେ ପୂର୍ବତନ ବିଧାୟକଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରି ସିମୁଳିଆ ଖଇରାବାସୀ ତାଙ୍କ ଉପରୁ ବିଶ୍ୱାସ ହରାଇଥିବା କହିଥିଲେ। ଯୁବନେତା ଖଇରା ମାଟିର ପୁଅ ହିମାଂଶୁ ଶେଖର ବେହେରା ସେ ଲୁଟିବାକୁ ନୁହେଁ ସେବା ପାଇଁ ସିମୁଳିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ଗାଁ ବୁଲୁଥିବା କହିଥିଲେ। ଶେଷରେ କଂଗ୍ରେସ କମିଟି ତରଫରୁ ୯ଦଫା ସମ୍ବଳିତ ଦାବିପତ୍ର ଖଇରା ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।



ବଣପାରିଆଠାରୁ ଆରମ୍ଭ ଶୋଭାଯାତ୍ରାରେ ଯୋଗଦେଇଥିବା ହଜାର ହଜାର କର୍ମୀ।

# ଖଣିଖନନ ଅପେକ୍ଷା ବୃକ୍ଷସମ୍ପଦକୁ ପ୍ରାଥମିକତା ଉପରେ ଗୁରୁତ୍ୱ

## ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମାନ

ବାଲେଶ୍ୱର, ୨୫।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାମାଜିକ-ସାଂସ୍କୃତିକ ବିକାଶ କେନ୍ଦ୍ର, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଜାତୀୟ ଉଦ୍ଭିଦ ବୋର୍ଡ଼, ଆୟୁଷ ମନ୍ତ୍ରାଳୟ, ଭାରତ ସରକାର, ନୂଆଦିଲ୍ଲୀ ପ୍ରାୟୋଜିତ 'ଓଡ଼ିଶାର ଗ୍ରାମାଞ୍ଚଳ ତଥା ମହିଳାମାନଙ୍କ ନିମିତ୍ତ ଔଷଧୀୟ ଉଦ୍ଭିଦର ସଂରକ୍ଷଣ, ବିକାଶ ଏବଂ ସ୍ଥାୟୀ ପରିଚାଳନା' ପ୍ରାସଙ୍ଗିକ ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମାନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସଂପାନର ସଂଯୋଜକ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସଂପାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ସାମାଜିକ-ସାଂସ୍କୃତିକ ବିକାଶ କେନ୍ଦ୍ରର ଚେୟାରମ୍ୟାନ ବନମାଳୀ ସାହୁ ଯୋଗଦେଇ ବିଶେଷତଃ ଉତ୍ତର ଓଡ଼ିଶାର ନୀଳଗିରି, କପ୍ତିପଦା, ମୟୂରଭଞ୍ଜ ଆଦି ଅଞ୍ଚଳରେ ବିଭିନ୍ନ ପ୍ରକାର ଔଷଧୀୟ ଗୁଳ୍ମ ତଥା ଲତା-ବୃକ୍ଷର ପ୍ରାଚୁର୍ଯ୍ୟ ରହିଛି ଏବଂ ସେଗୁଡ଼ିକର ଉପାଦେୟତା ସମ୍ବନ୍ଧୀୟ ବାର୍ତ୍ତା ପ୍ରଚାର କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିବାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ-ଆଦି ଗବେଷଣା ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପ୍ରଶଂସନୀୟ ବୋଲି କହିଥିଲେ। ଓଡ଼ିଶାର ସାମାଜିକ-ସାଂସ୍କୃତିକ ବିକାଶ କେନ୍ଦ୍ରର ସଦସ୍ୟ ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମଧୁମିତା ଦାସ ଯୋଗଦେଇ ଖଣିଖନନ ଅପେକ୍ଷା ବୃକ୍ଷ ସମ୍ପଦକୁ ଅଧିକ ପ୍ରାଥମିକତା ଦିଆଯାଉଛି ବୋଲି ପ୍ରକାଶ କରିଥିଲେ। ଓଡ଼ିଶାସ୍ଥିତ ଔଷଧୀୟ ଉଦ୍ଭିଦ ବୋର୍ଡ଼ ମୁଖ୍ୟ ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ଆଇଏଫ୍ଏସ୍ ସୁଦୀପ ନାୟକ ଯୋଗଦେଇ ଔଷଧୀୟ ବୃକ୍ଷଲତାର ଉତ୍ସ ସନ୍ଧାନ ପରିପ୍ରେକ୍ଷୀରେ ଗନ୍ଧମାର୍ଦ୍ଦନ ସମେତ ଓଡ଼ିଶାର ମହେନ୍ଦ୍ରଗିରି, ମାଲ୍ୟବନ୍ତଗିରି, ଶିମିଳିପାଳ, ମେଘାସନ ଆଦି ପର୍ବତଗୁଡ଼ିକ ବିଭିନ୍ନ ପ୍ରଜାତିର ଔଷଧୀୟ ଉଦ୍ଭିଦରେ ପରିପୂର୍ଣ୍ଣ ହୋଇରହିଛି। ସେଠିକାର ଆଦିବାସୀ ଓ ଅଧିବାସୀ ଏହାର ଗୁରୁତ୍ୱ ସମ୍ପର୍କରେ ଅଜ୍ଞ ଥିବାରୁ କେତେକ ଅସାଧୁ ଲୋକ ଏହାର ଲାଭ ଉଠାଇ ଔଷଧୀୟ ବୃକ୍ଷଗୁଡ଼ିକର ଉତ୍ସ କ୍ଷୟ କରିବାରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସଂରକ୍ଷଣକୁ ଗୁରୁତ୍ୱ ଦେବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ନିଜର କ୍ଷେତ୍ର ଅଧ୍ୟୟନ ସମ୍ବନ୍ଧୀତ ଅନୁଭୂତି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଚଳିତ ଶତାବ୍ଦୀରେ ମଣିଷ ଯେତେ ଶିକ୍ଷିତ ହେଉଛି କ୍ରମଶଃ ଭାରତ ବର୍ଷର ପ୍ରାଚୀନ ପରମ୍ପରା-ସିଦ୍ଧ ଓ ସ୍ୱଦେଶୀ ଜ୍ଞାନକୌଶଳ ଅନୁସୃତ ଔଷଧୀୟ ବୃକ୍ଷଲତାର ଉପାଦେୟତା ସମ୍ପର୍କରେ ଅବଧାରଣା ଓ ଆଦର କମ୍ ହେବାରେ ଲାଗିଛି। ଏହି ସଂପାନ ଜରିଆରେ ଅନ୍ତତଃ ସେସବୁ ପାରମ୍ପରିକ ଜ୍ଞାନର ପୁନଃ ଅଭ୍ୟୁଦୟର ପ୍ରୟାସ କରାଯାଉ ବୋଲି ମତ ଦେଇଥିଲେ। ଆୟୋଜିତ ୪ଟି ସଂପାନରେ ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ, ପ୍ରଫେସର ଅନୀଲ କୁମାର ମିଶ୍ର, ପ୍ରଫେସର ସୁଦାମ ଚରଣ ସାହୁ, ଡ. ରାଣୀନ୍ଦ୍ର କୁମାର ନାୟକ ଅଧକ୍ଷତା କରିଥିଲେ। ଡ. ଅର୍ପିତା ବାନାର୍ଜୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଡ. ମିହିର ତନୟ ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।





ସମ୍ମାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

